**ଛାତ୍ରୀଙ୍କୁ ପରୀକ୍ଷା ଦର୍ପଣ**
ଦାମନଯୋଡ଼ି, (ଡି.ଏନ୍.ଏ.)-କୋରାପୁଟ ଜିଲା ମାଥାଲପୁଟସ୍ଥିତ ଆଲୁମିନା ବାଳିକା ବିଦ୍ୟାଳୟ ଲିଟିଗୁଡାର ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରୀକ୍ଷା ଦର୍ପଣ ବଣ୍ଟନ କରାଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା କୁମାର ବେନିଆ, ସୁପ୍ରଭା ମାଝି, ରଶ୍ମିତା ସିଅ, ଦୟନ୍ତିକା ମିରଡ଼ାଙ୍କ ଉପସ୍ଥିତିରେ ୧୦ ଜଣ ଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି।

## ସଂକ୍ଷେପରେ

### ରେଳ ବଜେଟ ନୈରାଶ୍ୟଜନକ

ନବରଙ୍ଗପୁର/ଖଇରପୁଟ,୪।୨ (ବି.ପ୍ର./ଡି.ଏନ୍.ଏ.)- କେନ୍ଦ୍ର ସରକାରଙ୍କ ରେଳ ବଜେଟ ଏକ କଳା ବଜେଟ୍ ଓ ନୈରାଶ୍ୟଜନକ ବୋଲି ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମଝି କହିଛନ୍ତି। ଜୟପୁର-ନବରଙ୍ଗପୁର ୩୮ କି.ମି. ନୂତନ ରେଳପଥ ପାଇଁ ଜମି ଅଧିଗ୍ରହଣ ଚାଲିଛି। ୮ଶହ କୋଟି ଆବଶ୍ୟକ ଥିବାବେଳେ ୧୫.୧୦ କୋଟି ବଜେଟରେ ରଖାଯାଇଛି। ସେହିଭଳି ଜୟପୁର-ମାଲକାନଗିରି ୧୩୦କି.ମି. ନୂତନ ରେଳପଥ ପାଇଁ ୨୫୦୦ କୋଟି ଆବଶ୍ୟକ ରହିଛି। ତେବେ ବଜେଟରେ ୨୮ କୋଟି ରଖାଯାଇଛି। ଯାହାକି ନୈରାଶ୍ୟଜନକ। ଓଡିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାକୁ ନେଇ ଅନେକ ପ୍ରତିକ୍ରିୟା ପ୍ରକାଶ ପାଉଛି।

### ବୁଲିଲା ସଚେତନ ରଥ



ଦାମନଯୋଡ଼ି, ୪।୨ (ଡି.ଏନ୍.ଏ.)- କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଏକ ସଚେତନତା ରଥ ବାହାରିଛି। ଏହାକୁ ଅଧିକାରୀ ଡା. ତାପସ ରଞ୍ଜନ ବେହେରା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ୫ ଦିନ ଧରି କୋରାପୁଟ ବ୍ଲକର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ କର୍କଟ ରୋଗ ସମ୍ବନ୍ଧରେ ସଚେତନ କରିବ। କର୍କଟ ରୋଗୀଙ୍କୁ କରୋନା ଆଶଙ୍କା ଅଧିକ ଥାଏ। ସେଥିପାଇଁ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ସେହିପରି ସ୍ତନ କର୍କଟ ଶୀଘ୍ର ଚିହ୍ନଟ ହେଲେ ଆରୋଗ୍ୟ ସାଧ୍ୟ। ତେଣୁ ୩୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ମହିଳା ସେମାନଙ୍କ ସ୍ତନକୁ ନିୟମିତ ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ନେବାକୁ ସଚେତନ କରାଯାଇଛି। ଏହି ଅବସରରେ ବିପିଏ ନୂତନ ସିଂଙ୍କ ସହ ଭାରପ୍ରାପ୍ତ ପିଏଚ୍‌ଇଓ ମକର ଜାନି, ସ୍ୱାସ୍ଥ୍ୟକର୍ମୀ କୁନ୍ତଳା କୁମାରୀ ସେଠୀ, ହୀରାମଣି ଦେଇ ଓ ସୁଶାନ୍ତ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ବଂଶଧାରା ମହୋତ୍ସବ ପାଇଁ କ୍ରୀଡ଼ା ଉତ୍ସବ ଆରମ୍ଭ

ଗୁଣପୁର,୪।୨(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁରଠାରେ ୯ମ ବଂଶଧାରା ବସନ୍ତ ମହୋତ୍ସବ ନିମନ୍ତେ କ୍ରିଡ଼ା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ମଙ୍ଗଳା ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହାପରେ ଟେନିସ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚ୍ ସୌରା ପ୍ରଧାନିଗୁଡ଼ା ଏବଂ କୁଜେନ୍ଦ୍ରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଜେନ୍ଦ୍ରି ଦଳ ୩ ରନ୍‌ରେ ବିଜୟୀ ହୋଇଥିଲା। କ୍ରିଡ଼ା ପରିଷଦର ସଭାପତି ଦେବ ପ୍ରସାଦ ପାଢ଼ୀ, ସମ୍ପାଦକ ସପନ ଦାସଙ୍କ ସମେତ ରଞ୍ଜିତ ପାଢ଼ୀ, ରାଜେନ୍ଦ୍ର ପାଢ଼ୀ, ରାଜେନ୍ଦ୍ର ପ୍ରସାଦ ସାହୁ, ଉମା ଦାସ, ରମେଶ ଲିମା, ରବିନ୍ଦ୍ର ପଣ୍ଡା ପ୍ରମଖ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଆର୍‌ସିସି ଏବଂ କବିର୍ ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଆର୍‌ସିସି ଦଳ ବିଜୟୀ ହୋଇଛି। ଏହି ଟେନିସ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶିଶୁ ସମ୍ପର୍କ ଯାତ୍ରା ଶୁଭାରମ୍ଭ

ମାଲକାନଗିରି,୪।୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ଏମ୍‌ଭି-୮୮ ଠାରେ ଶିଶୁ କଲ୍ୟାଣ କମିଟି ତରଫରୁ ଶିଶୁ ସମ୍ପର୍କ ଯାତ୍ରା ଶୁଭାରମ୍ଭ ହୋଇଛି। ଏଥିରେ ବିଭାଗ ପକ୍ଷରୁ ଅନାଥ ଶିଶୁଙ୍କ ଥଇଥାନ, ସୁରକ୍ଷା, ଶିକ୍ଷା ନିମନ୍ତେ ରହିଥିବା ବ୍ୟବସ୍ଥା ବିଷୟରେ ସଚେତନ କରାଯାଇଥିଲା। ଏଥିସହ ସେହି ଗ୍ରାମରେ ଥିବା ଅନାଥ ଶିଶୁଙ୍କ ସମ୍ପର୍କୀୟଙ୍କୁ ଡକାଯାଇ ଶିଶୁମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ୬୦୦ରୁ ଉର୍ଦ୍ଧ୍ୱ ଅନାଥ ଶିଶୁ ଓ ତାଙ୍କ ସମ୍ପର୍କୀୟ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ସଦସ୍ୟା ଚୁମ୍‌କି ବେହେରା, ଦିନବନ୍ଧୁ ଦାସ, ସନାକଲ ପାଲ, ରାମଗୋବିନ୍ଦ ପଣ୍ଡା, ମହାରାଜପାଲ୍ଲୀ ଓ ମୋଟୁ ସେକ୍ଟରର ସମସ୍ତ ସୁପରଭାଇଜର, ଚାଇଲ୍ଡଲାଇନର ଟିମ୍ ଲିଡର ଓ ସଦସ୍ୟ ଉପସ୍ଥିତ ଥିଲେ।

# ହଜାରେ ଟଙ୍କା ଅନୁଦାନ ବଢ଼ାଇବା ଅଞ୍ଚଳବାସୀଙ୍କ ପାଇଁ ଉପହାସ: ଏମ୍‌ପି

ରାୟଗଡ଼ା ଅଫିସ/ଗୁଣପୁର, ୪।୨(ଡି.ଏନ୍.ଏ.)

**ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ**

ଦୀର୍ଘ ୪୭ବର୍ଷ ଧରି ଗୁଣପୁର-ଥେରୁବାଲି ରେଳଲାଇନ ପାଇଁ ହୋଇ ଆସୁଥିବା ଦାବିକୁ କେନ୍ଦ୍ର ସରକାର ଉପେକ୍ଷା କରିଛନ୍ତି। ଯଦି ୩ ରୁ ୪ ବର୍ଷ ଭିତରେ ପ୍ରକଳ୍ପ କାର୍ଯ୍ୟ ସରିବାର ଅଛି ବର୍ଷକୁ ୨୫୦ କୋଟି ଟଙ୍କାର ଆବଶ୍ୟକତା ରହିଛି। ହେଲେ କେନ୍ଦ୍ର ସରକାର ଏହି ପ୍ରକଳ୍ପ ପାଇଁ ମାତ୍ର ୧ହଜାର ଟଙ୍କା ଅନୁମୋଦନ କରିଛନ୍ତି। ଏହା ଆଦିବାସୀ ବହୁଳ ଜିଲା ପାଇଁ ଉପହାସ ପାଲଟିଛି। ଅନ୍ୟ ସବୁ ସ୍ଥାନରେ ଭଲ ବ୍ୟୟବରାଦ କରି ଏହି ପ୍ରକଳ୍ପକୁ ଅବହେଳା କରାଯାଉଥିବା କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଅଭିଯୋଗ କରିଛନ୍ତି। ଯେଉଁ ରାଜ୍ୟରେ ନିର୍ବାଚନ ରହିଛି ସେଠାରେ ବ୍ୟୟ ମଞ୍ଜୁର କରାଯାଇଛି। ଗୁଣପୁର-ଥେରୁବାଲି ରେଳଲାଇନ୍ ଜିଲା ପାଇଁ ଆବଶ୍ୟକତା ରହିଥିବା ସ୍ଥଳେ ଏହାକୁ ଉପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଆମେ ପାର୍ଲାମେଣ୍ଟରେ ଏହି ବିଷୟ ଉଠାଇବୁ ବୋଲି ଏମ୍‌ପି କହିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୧ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ୨୦୧୭-୧୮ରେ ହୋଇଥିବା ସାଧାରଣ ବଜେଟରେ ୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଗୁଣପୁର-ଥେରୁବାଲି ୭୯.୧୫ କି.ମି. ରେଳପଥ ନିମନ୍ତେ ୯୩୫.୭୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ୧ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ; ଯାହାକି ନୈରାଶ୍ୟଜନକ ଥିଲା। ଏବେ ଗୁଣପୁର-ଥେରୁବାଲି ସହ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ରେଳ ପ୍ରକଳ୍ପ କାର୍ଯ୍ୟ ପୂରଣ ନିମନ୍ତେ ୯୩୫ କୋଟି ଟଙ୍କା ଆବଶ୍ୟକ ହେଉଥିବା ସ୍ଥଳେ ୨୦୨୧-୨୨ କେନ୍ଦ୍ର ବଜେଟରେ ୧ହଜାର ଟଙ୍କା ମଞ୍ଜୁର କରିବା ସମ୍ପୂର୍ଣ୍ଣ ଓଡ଼ିଶାବାସୀଙ୍କ ପାଇଁ ଏକ ଉପହାସ ବୋଲି କୋରାପୁଟ ଏମ୍‌ପି ଟୁଇଟ୍ କରି ପ୍ରତିକ୍ରିୟା ରଖିଛନ୍ତି। ସୂଚନାଯୋଗ୍ୟ, ଗୁଣପୁର-ଥେରୁବାଲି ୭୯ କି.ମି. ରେଳ ପ୍ରକଳ୍ପ ହେବା ନିମନ୍ତେ ବ୍ୟୟ ମଞ୍ଜୁର କରାଯାଇଥିଲା। ଏହାଦ୍ୱାରା ଏହି ଆଦିବାସୀ ବହୁଳ ଅଞ୍ଚଳରେ ଗମନାଗମନ ସହ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ସମେତ ଶିଳ୍ପ ଓ ଅର୍ଥନୀତିର ବିକାଶ ହୋଇପାରିବ ବୋଲି ଏଠାକାର ଲୋକଙ୍କ ସ୍ୱପ୍ନ ରହିଥିଲା।

ଅନ୍ୟପକ୍ଷରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଗୁଣପୁର-ଥେରୁବାଲି ରେଳପଥ ପ୍ରକଳ୍ପ ନାଲିଫିତା ତଳକୁ ଚାଲିଯାଇଛି ବୋଲି ଗୁଣପୁର ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ରମେଶ ଲିମା, ନବନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ, ପୂର୍ବତନ କାଉନସିଲର ମୁନା ପାଣିଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି। ଏହି ରେଳପଥ ପାଇଁ ଜନ ଆନ୍ଦୋଳନ ଜରୁରୀ ବୋଲି ମତପ୍ରକାଶ ପାଇଛି।

# ନିଜ ଖର୍ଚ୍ଚରେ ଡ୍ରେନ୍ ନିର୍ମାଣ କଲେ ସାହିବାସୀ




ଅଞ୍ଚଳବାସୀ ଡ୍ରେନ ନିର୍ମାଣ କରୁଛନ୍ତି ।

ପଦ୍ମପୁର,୪।୨(ଡି.ଏନ୍.ଏ.)

**ପ୍ରଶାସନ ଶୁଣିଲାନି**

ରାୟଗଡ଼ା ଜିଲା ପଦ୍ମପୁର ସହର ତୁଳସୀନଗରରେ ଡ୍ରେନ୍ ନ ଥିବା ଯୋଗୁ ସାହି ବାସିନ୍ଦା ଦୀର୍ଘଦିନ ଧରି ସମସ୍ୟା ଭୋଗୁଛନ୍ତି। ଏହାର ସମାଧାନ ନେଇ ସାହିବାସିନ୍ଦା ବାରମ୍ବାର ସରପଞ୍ଚ ଓ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ କାହାଠାରୁ ସମାଧାନର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ନ ଥିଲେ। ଶେଷରେ ନିରାଶ ସାହିବାସିନ୍ଦା ନିଜେ ଟଙ୍କା ଆଦାୟକରି ଡ୍ରେନ୍ ନିର୍ମାଣ କରିଛନ୍ତି। ସୂଚନା ଅନୁଯାୟୀ, ତୁଳସୀନଗରରେ ଡ୍ରେନ୍ ନ ଥିବା ଯୋଗୁ ସାହିର ଆବର୍ଜନା ପାଣି ଓ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିଲା। ପ୍ରଶାସନର ନୀରବତା ଯୋଗୁ ବୁଧବାର ସାହି ବାସିନ୍ଦା ନିଜେ ଶ୍ରମଦାନ କରି ଡ୍ରେନ୍ ନିର୍ମାଣ କରିଛନ୍ତି। ତେବେ ପଦ୍ମପୁର ସହରବାସୀଙ୍କ ସମସ୍ୟାକୁ ଯଦି ପ୍ରଶାସନ ଏବଂ ଲୋକ ପ୍ରତିନିଧି ଅଣଦେଖା କରିଛନ୍ତି, ତେବେ ଦୁର୍ଗମ ଆଦିବାସୀ ଅଞ୍ଚଳ ସ୍ଥିତି ସ୍ପଷ୍ଟ ଅନୁମେୟ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। ଏ ନେଇ ସରପଞ୍ଚ ପୁଣ୍ୟାବତୀ ମାଣ୍ଡାଙ୍ଗିଙ୍କୁ ପଚାରିବାରୁ ସେ କହିଛନ୍ତି, ମାସେ ତଳେ ଅଭିଯୋଗ ପାଇଥିଲୁ। ସେହି ସ୍ଥାନର ଏକ ଚେକ୍‌ମ୍ୟାପ୍ ଆର୍‌ଆଇଙ୍କଠାରୁ ଆଣିବାକୁ କୁହାଯାଇଥିବା ସେ କହିଛନ୍ତି। ଏଥିସହ ଏହି ଅଞ୍ଚଳ ପଞ୍ଚାୟତକୁ ହସ୍ତାନ୍ତର ହୋଇ ନ ଥିବା ମଧ୍ୟ କହିଛନ୍ତି। ତେବେ କେଉଁ କାରଣରୁ ସାହି ଲୋକେ ପ୍ରଶାସନ ଉପରେ ଭରସା ତୁଟାଇ ନିଜ ଖର୍ଚ୍ଚରେ ଡ୍ରେନ୍ କଲେ ତାହାର ତଦନ୍ତ କରାଯାଉ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ୬ରୁ ସରକାରୀ ଅଧିକାରୀ, କର୍ମଚାରୀ ନେବେ ଟିକା

ରାୟଗଡ଼ା ଅଫିସ,୪।୨



ବୈଠକରେ ଉପସ୍ଥିତ ଜିଲାପାଳ, ସିଡିଏମ୍‌ଓ ଓ ଅନ୍ୟ ଅଧିକାରୀମାନେ।

**ରାୟଗଡ଼ାରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ନେଇ ପ୍ରସ୍ତୁତି**

ରାୟଗଡ଼ା ଜିଲାରେ କାର୍ଯ୍ୟରତ ସମସ୍ତ ଆଗଧାଡ଼ିର କରୋନା ଯୋଦ୍ଧାଙ୍କ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ନିମନ୍ତେ ଗୁରୁବାର ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଏସ୍‌ପି ନାରାୟଣ ମହାନ୍ତି, ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଡିଆର୍‌ଡିଏ ଏପିଡି ଭୀମସେନ ଶବର, ରାୟଗଡ଼ା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ଉପସ୍ଥିତ ଥିଲେ। ୬ ରୁ ୧୬ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟିକାକରଣ କାର୍ଯ୍ୟକ୍ରମର ସଫଳତା ବିଷୟରେ ଆଲୋଚନା କରିଥିଲେ। ଏହି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟତଃ ଆଗଧାଡ଼ିର ସରକାରୀ କର୍ମଚାରୀଙ୍କୁ ଟିକାକରଣ କରାଯିବ। ବିପର୍ଯ୍ୟୟ ପରିଚାଳନା ଅଧୀନ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ପ୍ରସ୍ତୁତ ତାଲିକା ଅନୁଯାୟୀ ଜିଲାପାଳଙ୍କ କାର୍ଯ୍ୟାଳୟ, ଡିଆର୍‌ଡିଏ, ଜିଲା ସମାଜ କଲ୍ୟାଣ ବିଭାଗ, ତହସିଲ, ଆର୍‌ଆଇ, ପଞ୍ଚାୟତ ସମିତି, ସରପଞ୍ଚ, କ୍ରୀଡ଼ା ଅଧିକାରୀ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଟିକା ଦିଆଯିବ। ରାୟଗଡ଼ା ଜିଲାରୁ ପ୍ରାୟ ୬୨୮୨ ପଞ୍ଜୀକୃତ ଆଗଧାଡ଼ିର ଅଧିକାରୀ ଓ କର୍ମଚାରୀ ଟିକା ନେବେ ବୋଲି ଜଣାପଡ଼ିଛି। ଟିକାକରଣ ଯପରି ୧୦୦ ପ୍ରତିଶତ ସଫଳ ହେବ ଏବଂ ଟିକା ନଷ୍ଟ ନ ହେବ ସେ ନେଇ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପ ଜିଲାପାଳ ନୋଡାଲ ଅଧିକାରୀ ରହିବେ ଏବଂ ପ୍ରତ୍ୟେକ କାର୍ଯ୍ୟାଳୟରେ ଉପ ନୋଡାଲ ଅଧିକାରୀ ରହିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଟିକାକରଣ ପାଇଁ ସ୍ଥାନ ଏବଂ ପ୍ରକୋଷ୍ଠ ଚିହ୍ନଟ କରାଯିବ। ଏଥିନିମନ୍ତେ ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ ହେବ। ୧୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ତାଲିକା ପ୍ରସ୍ତୁତ ରଖି ଟିକା ଦିଆଯିବ। ପ୍ରଥମେ କାର୍ଯ୍ୟାଳୟର ଅଧିକାରୀ ଟିକା ନେବାକୁ ପଡ଼ିବ। ସେହିପରି ପ୍ରଥମ ପର୍ଯ୍ୟାୟରେ ଟିକାକରଣ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ଜାନୁୟାରୀ ୧୬ରେ ଟିକାର ପ୍ରଥମ ଡୋଜ୍ ଦିଆଯାଇଥିବାବେଳେ ୨୮ ଦିନ ପରେ ୨ୟ ଡୋଜ୍ ଦିଆଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

## ଉନ୍ନୟନ କାର୍ଯ୍ୟ, ସମସ୍ୟା ବୁଝିଲେ ଜିଲାପାଳ

### ପ୍ରଥମ ମୁନିଗୁଡ଼ା ବ୍ଲକ୍ ଗସ୍ତ

ମୁନିଗୁଡ଼ା,୪।୨(ଡି.ଏନ୍.ଏ)

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଗୁରୁବାର ପ୍ରଥମଥର ପାଇଁ ମୁନିଗୁଡ଼ା ଗସ୍ତରେ ଆସି ଉନ୍ନୟନ କାଯ୍ୟ ସମୀକ୍ଷା କରିଛନ୍ତି। ପ୍ରଥମେ ବ୍ଲକ୍‌ର ତେଲେଙ୍ଗାପଦର ପଞ୍ଚାୟତର ସେଲମା, ଗଙ୍ଗରପଡ଼ା, ଧୋବାଗୁଡ଼ି ଗ୍ରାମରେ ପିଏମ୍‌ଏୱାଇ, ବିଜୁ ପକ୍କାଘର, ଅଙ୍ଗନୱାଡ଼ି କେନ୍ଦ୍ର ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ସେହିପରି ଅଞ୍ଚଳରେ ପାନୀୟ ଜଳ ସୁବିଧା, ସ୍କୁଲ ଘର ଏବଂ ଗ୍ରାମଗୁଡ଼ିକରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ଲୋକଙ୍କ ସମସ୍ୟା ବୁଝିଥିଲେ। ସେହିପରି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ବିଷୟରେ ବିଡିଓ ଦିଲୀପ କୁମାର ବେହେରାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତବେଳେ ତହସିଲଦାର ଦେବାଶିଷ ଗୌଡ଼, ଓଏଲ୍‌ଏମ୍‌ର ବିପିଏମ୍ କ୍ଷିରୋଦ ଭୁୟାଁ, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଜେଇମାନେ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ମିଳିଲା ପରୀକ୍ଷା ଦର୍ପଣ



ପରୀକ୍ଷା ଦର୍ପଣ ପାଇଥିବା ଛାତ୍ରୀଛାତ୍ର ।

ମାଲକାନଗିରି,୪।୧(ଡି.ଏନ୍.ଏ.)

କୋଭିଡ୍ ପରିସ୍ଥିତି ଯୋଗୁ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଥିଲା। ମାଟ୍ରିକ୍ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୧୦୦ ଦିନିଆ ପାଠପଢ଼ା ଆରମ୍ଭ କରିଛନ୍ତି। ତେବେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହଜ କରିବା ସକାଶେ ୩୦ ପ୍ରତିଶତ ସିଲାବସ୍ କମାଇଛନ୍ତି। ଏହି ସିଲାବସ୍ ଅନୁଯାୟୀ ପାଠ ପଢ଼ିବା ନିମନ୍ତେ ପିଲାଙ୍କ ପାଇଁ ସରକାର ପରୀକ୍ଷା ଦର୍ପଣ ନାମକ ଏକ ଟେଷ୍ଟପେପର ଉନ୍ମୋଚନ କରି ମାଗଣାରେ ପ୍ରଦାନ କରୁଛନ୍ତି। ମାଲକାନଗିରି ଜିଲାରେ ଚଳିତ ବର୍ଷ ୭୬୫୦ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେବେ। ଏମାନଙ୍କ ସକାଶେ ୭୯୦୦ଟି ପରୀକ୍ଷା ଦର୍ପଣ ଟେଷ୍ଟପେପର ଆସି ପହଞ୍ଚିଛି। ଗୁରୁବାର ସ୍ଥାନୀୟ ସରକାରୀ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ କରି ୧୮୩ ଛାତ୍ରୀଛାତ୍ରଙ୍କୁ ଡିଇଓ ରମେଶ ଚନ୍ଦ୍ର ସେଠୀ ଏହି ପୁସ୍ତକ ପ୍ରଦାନ କରିଛନ୍ତି। ଏହାକୁ ପାଇ ପିଲାମାନେ ବେଶ୍ ଉତ୍ସାହିତ ହୋଇଥିବା ଦେଖାଯାଇଥିଲା।

# ଏମ୍‌ଭି ୨୨କୁ ହରାଇ ଏମ୍‌ଭି ୯୬ ଚାମ୍ପିୟନ



ଅତିଥି ଚମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି ।

ଏମ୍‌ଭି ୭୯,୪।୨(ଡି.ଏନ୍.ଏ.)

ମାଲକାନାଗିରି ଜିଲା ମୋଟୁ ତହସିଲ ଅଧୀନ ଏମ୍‌ଭି ୯୬ ଗ୍ରାମରେ ଚାଲିଥିବା ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଆୟୋଜକ ଏମ୍‌ଭି ୯୬ ଓ ଏମ୍‌ଭି ୨୨ ଗ୍ରାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶେଷ ଓଭର୍‌ରେ ଏମ୍‌ଭି ୯୬ ଦଳ ୧୨ ରନ୍‌ରେ ବିଜୟୀ ହୋଇଥିଲା। ଟସ୍ ଜିଣି ଆୟୋଜକ ଏମ୍‌ଭି ୯୬ ଦଳ ବ୍ୟାଟିଂ କରି ୬ ୱିକେଟ ବିନିମୟରେ ୧୦୬ ରନ୍ କରିଥିଲା। ଜବାବରେ ଏମ୍‌ଭି ୨୨ ଦଳ ନିର୍ଦ୍ଧାରିତ ଓଭରରେ ୯୬ କରି ଅଲଆଉଟ ହୋଇଥିଲା। ଉତ୍ତମ ଖେଳ ପ୍ରଦର୍ଶନ ଲାଗି ଅମରେଶ ସରକାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ, ସଲିଲ ଆଇଚ, ରାଜେଶ ଦାସ, ବିଲଟୁ ରାୟ, ଉତ୍ପଲ ମିସ୍ତ୍ରୀ, ଦୀପକ ମଣ୍ଡଳ, ଜୟନ୍ତ ଦାସ, ଶଙ୍କର ଠିକାଦାର, ହିମାଂଶୁ ଅଧିକାରୀ ଓ ପ୍ରଭାସ ଢାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୧ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୨୧ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ପଡିଆରେ କର୍କଟ ଦିବସ

ପଡିଆ, ୪।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ଡାକ୍ତର ଚିତ୍ତରଞ୍ଜନ ମିଶ୍ର ଓ ସମ୍ମାନିତ ଅତିଥିଭାବେ ଡାକ୍ତର ଏସ୍. ରହିତା, ପିଏଚ୍‌ଇଓ ନବୀନ ଚନ୍ଦ୍ର ସମରଥ, ସୁପରଭାଇଜର ବିଜୟ କୁମାର ନାୟକ ଓ ଗଦାଧର ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ମିଶ୍ର କର୍କଟ ରୋଗ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଅତିଥିମାନେ କ୍ୟାନସର୍ ସମ୍ପର୍କରେ ସଚେତନ କରାଇଥିଲେ।

## ଅଯୋଧ୍ୟା ରାମ ମନ୍ଦିର ପାଇଁ ଲକ୍ଷେ ଟଙ୍କା

ଜୟପୁର,୪।୨(ନି.ପ୍ର.)

ଜୟପୁର ସହର ମାଦଳା ସାହି ନିବାସୀ ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ସାନ୍ତ୍ରା ଅଯୋଦ୍ଧା ରାମ ମନ୍ଦିର ପାଇଁ ୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଭବ୍ୟ ରାମ ମନ୍ଦିର ପାଇଁ ସାରା ଦେଶରେ ନିଧି ସଂଗ୍ରହ କାର୍ଯ୍ୟକ୍ରମ ଚାଲିଛି। ଏହି କ୍ରମରେ ବିଶ୍ୱହିନ୍ଦୁ ପରିଷଦ ତତ୍ତ୍ୱାବଧାନରେ ସହରରେ ନିଧି ସଂଗ୍ରହ କରାଯାଉଛି।

# ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସ ଡିଇଓ ବହିଷ୍କୃତ

ନବରଙ୍ଗପୁର,୪।୨(ବି.ପ୍ର.)

ଚନ୍ଦାହାଣ୍ଡି ବ୍ଲକରେ ଚାଷୀ ପଞ୍ଜିକରଣରେ ଅନିୟମିତତା ନେଇ ଥାନାରେ ଏତଲା ଦିଆଯିବା ଘଟଣାରେ ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସ ଡିଇଓ ସ୍ନେହେଶ୍ୱର ମନହୀରାଙ୍କୁ ବହିଷ୍କୃତ କରିଛନ୍ତି ଏଆର୍‌ସିଏସ୍। ଚାଷୀ ସହମତି ପତ୍ର ନ ଦେଉଣୁ ପ୍ରକୃତ ଚାଷୀଙ୍କ ଜମିର ତଥ୍ୟ ଦେଇ କିଛି ବ୍ୟକ୍ତି ସେହି ଜମି ଚାଷ କରିବା ଏବଂ ସମ୍ପର୍କୀୟ ଭଳି ଦର୍ଶାଇ ପଞ୍ଜିକରଣ କରାଯାଇଥିବା ନେଇ ଥାନାରେ ୬୨ ଜଣ ଚାଷୀ ଏତଲା ଦେଇଥିଲେ। ଏହି ଖବର ଲୋକଲୋଚନକୁ ଆସିବା ପରେ ଜିଲା ପ୍ରଶାସନ ଏଆରସିଏସ୍ ଚନ୍ଦ୍ର ସେଠୀଆଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଆରସିଏସ୍ ଚନ୍ଦ୍ର ସେଠିଆ ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସକୁ ଯାଇ ସମସ୍ତ କାଗଜ ପତ୍ର ଯାଞ୍ଚ କରିଥିଲେ। ଗତ ୨ ତାରିଖ ଦିନ ଲ୍ୟାମ୍ପ୍‌ସ ପଞ୍ଜିକରଣରେ ଅନିୟମିତତା ଦୃଷ୍ଟିକୁ ଆସିବା ପରେ ଡିଇଓଙ୍କୁ ବହିଷ୍କୃତ କରାଯାଇଥିବା ସେ କହିଛନ୍ତି। ତଦନ୍ତ ଚାଲିଛି। ସରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଜିଲାରେ ଗଡ଼ିଲା କର୍କଟ ସଚେତନତା ରଥ

ମାଲକାନଗିରି,୪।୨(ଡି.ଏନ୍.ଏ.)

**ବିଶ୍ୱ କର୍କଟ ଦିବସ ପାଳିତ**

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଛି। ଏହି ଅବସରରେ ସିଡିଏମ୍‌ଓ ପ୍ରଫୁଲ୍ଲ କୁମାର ନନ୍ଦ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ଗ୍ରାମ ବୁଲି କର୍କଟ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବ। କର୍କଟର ମୁଖ୍ୟ କାରଣ ତମାଖୁ, ବିଡ଼ି, ସିଗାରେଟ, ଗୁଟୁଖା, ଗଂଜେଇ ସେବନ ନ କରିବା ପାଇଁ ଲୋକଙ୍କୁ ବୁଝାଇବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶଲ୍ୟ ରୋଗ ବିଶେଷଜ୍ଞ ଡା. ଅନିଲ କୁମାର ମିଶ୍ର, କର୍କଟ ରୋଗ ବିଶେଷଜ୍ଞ ଡା. ନାରାୟଣ ପାତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଏଡିଏମ୍‌ଓ ଡା. ସଂକଳ୍ପ କେଶରୀ ଭୋଳ, ଡା. ଶଶିଭୂଷଣ ମହାପାତ୍ର, ଡା. ପ୍ରଫୁଲ୍ଲ କୁମାର ବେହେରା, ଭାରପ୍ରାପ୍ତ ଡିପିଏମ୍ ଚିତ୍ତରଞ୍ଜନ ସେଠୀଙ୍କ ସମେତ ଚିକିତ୍ସାଳୟର ଅନ୍ୟ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ।



ସିଡିଏମ୍‌ଓ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି ।

## ୩୩୯ କିଲୋ ଗଞ୍ଜେଇ ଜବତ

ଲମତାପୁଟ, ୪।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ପୋଲିସ ଚାଳାଣବେଳେ ୩୩୯ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଗୋଟିଏ ନମ୍ବର ବିହୀନ ଟ୍ରାକ୍ଟର ଓ ପିକ୍‌ଅପ୍ ଭ୍ୟାନ୍(ଏପି-୦୪ଟିଏକ୍ସ-୭୩୯୦)କୁ ଜବତ କରାଯାଇଛି। ପ୍ରକାଶ ଯେ, ପାଡୁଆ ଅଞ୍ଚଳରୁ ଗଞ୍ଜେଇ ବୋଝେଇ ହୋଇ ଗାଡିଗୁଡିକ ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ସେ ସବୁକୁ ଅଟକାଇ ଥିଲା। ଅନ୍ଧାରର ଫାଇଦା ଉଠାଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ପୋଲିସ ଗାଡିଗୁଡିକ ଜବତ କରଇ ଥାନାକୁ ଆଣିଛି।

## ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକୁ ଅନୁମତି ଦାବି

ଛତ୍ରପୁର,୪।୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଡ୍ରାମା, ଅପେରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଅନୁମତି ଦେବାକୁ ଜିଲା କଳାକାର ମହାସଂଘ ପକ୍ଷରୁ ଦାବି ହୋଇଛି। ବୁଧବାର ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ସର୍ବଦଳୀୟ ବୈଠକରେ ଦୀର୍ଘ ମିଆଦୀ ଖସଡ଼ା ପ୍ରସ୍ତୁତ

ଗୁଣପୁର,୪।୨(ଡି.ଏନ୍.ଏ.)



ବିଭିନ୍ନ ଦଳର ନେତା ଓ ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଚାଲିଛି ।

**ଗୁଣପୁର-ଥେରୁବାଲି ରେଳପଥକୁ ଅଣଦେଖା**

ରେଳ ବଜେଟ୍‌ରେ ଗୁଣପୁର-ଥେରୁବାଲି ରେଳପଥକୁ ଅଣଦେଖା ତଥା ଅବହେଳା ପ୍ରତିବାଦରେ ଗୁରୁବାର ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ, ବିଜେଡି ଏବଂ ଭାଜପା ଦଳ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ବୈଠକରେ ଦାବି ପୂରଣ ନିମନ୍ତେ ଦୀର୍ଘ ମିଆଦି ଖସଡ଼ା ପ୍ରସ୍ତୁତ ହୋଇଥିଲା। ଓକିଲ ସଂଘର ସମ୍ପାଦକ ରମେଶ ଲିମା ଏବଂ ଯୁବ ନେତା ମୁନା ପାଣିଙ୍କ ଆହ୍ୱାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଉମା ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ସାହୁ ୱାଇ. ଗଣପତି, ଅଶୋକ ରଥ ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବ ଗୌଡ଼, ଶ୍ରୀନିବାସ ସ୍ୱାଇଁ, ବାବା ପ୍ରସାଦ, ରମେଶ ମିଶ୍ର, ଏଲ. ଈଶ୍ୱର ରାଓ, ଭି. ନାଗରାଜୁ, ଇନ୍ଦ୍ରାକ୍ଷି ପ୍ରସାଦ ଦାସ, ଉମା ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**କୁକୁଡ଼ା ଗାଲିରେ ଚଢ଼ାଉ, ୬ବାଇକ ଜବତ**

ତେନ୍ତୁଲିଖୁଣ୍ଟି, (ଡି.ଏନ୍.ଏ.) - ତେନ୍ତୁଲିଖୁଣ୍ଟି ଥାନା ହିର୍ଲିଆଗୁଡାରେ ଏସ୍‌ଡିପିଓ ଆଦିତ୍ୟନାଥ ଖାତିଗୁଡା ପୋଲିସ ସହାୟତାରେ କୁକୁଡ଼ାଗାଲି ଉପରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୬ଟି ବାଇକ୍ ଜବତ ହୋଇଛି। ପୋଲିସ ଚଢାଉ ଖବରପାଇ ସେଠାରୁ ଲୋକେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ କାହାରିକୁ ଗିରଫ କରିନାହିଁ। ଏହି ଚଢାଉରେ ଖାତିଗୁଡା ଥାନାଧିକାରୀ ଦୁର୍ଗାମାଧବ ବାଗ ଓ ତାଙ୍କ ଟିମ୍ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଖାଦ୍ୟ ଅନୁସନ୍ଧାନରେ ଗାଁ ମୁହାଁ ଭାଲୁ



ତେନ୍ତୁଲିଖୁଣ୍ଟି, ୪।୨(ଡି.ଏନ୍.ଏ.)- ତେନ୍ତୁଲିଖୁଣ୍ଟି ବ୍ଲକରେ ଗୁରୁବାର ସକାଳେ ଉଦୟପୁର-ଦିଗି ସଲପା ମୁଖ୍ୟ ରାସ୍ତାରେ ଏକ ବଡ଼ ଭାଲୁ ବୁଲୁଥିବା ଦେଖାଦେଇଛି। ଭାଲୁଟି ଦିଗି ସଲପା ଗାଁମୁହାଁ ହୋଇ ଯାଉଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଜଙ୍ଗଲ ନଷ୍ଟ ହୋଇ ପଦା ହୋଇଯିବା ଫଳରେ ଖାଦ୍ୟ ନିମନ୍ତେ ଭାଲୁ ଗାଁମୁହାଁ ହେଉଥିବା ଲୋକେ କହିଛନ୍ତି। କିଛିଦିନ ତଳେ ତେନ୍ତୁଲିଖୁଣ୍ଟି ଗାଁ ଭିତରେ ମଧ ଏକ ଭାଲୁକୁ ଦେଖିବାକୁ ମିଳିଥିଲା। ସେହିପରି ଅଞ୍ଚଳଗୁମା, ଜଗନ୍ନାଥପୁର, ଦହନା, ଗୌଡ଼ଗୁଡା, ମେଣ୍ଟରୀ, ଦଣ୍ଡୁଗୁଡ଼ା ଓ ବାରିଆଘାଟରେ ସବୁଦିନ ଭାଲୁ ବୁଲୁଛି। ଭାଲୁ ଗ୍ରାମବାସୀଙ୍କୁ ଆକ୍ରମଣ କରୁଥିବା ଖବର ମିଳିଛି।

### ଦୁର୍ଘଟଣାରେ ମା ମୃତ, ପୁଅ ଗୁରୁତର

ବୈପାରୀଗୁଡା, ୪।୨(ଡି.ଏନ୍.ଏ.) ଏକ ବିବାହ ଉତ୍ସବରେ ଯୋଗଦେଇ ଘରକୁ ଫେରିବା ବାଟରେ ଦୁର୍ଘଟଣାର ଶିକାର ହୋଇଜଣେ ମହିଳାଙ୍କ ମୃତ୍ୟୁହୋଇଥିବାବେଳେ ତାଙ୍କ ପୁଅ ଗୁରୁତର ଅଛନ୍ତି। ମୃତକ ହେଲେ ବୈପାରୀଗୁଡା ଥାନା କଷିଗୁଡା ଗ୍ରାମର ଚଞ୍ଚଳାକତଲି(୫୦)। କମଳା ତାଙ୍କ ପୁଅ ହରି (୨୨)ଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ଘଷର୍ଡା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କୁଣ୍ଡା ବୋଝେଇ ଟ୍ରକ ସେମାନଙ୍କ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ଚଞ୍ଚଳାଙ୍କ ମୃତ୍ୟୁ ହୋଇଥିବା ବେଳେ ହରିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ସ୍ଥାନୀୟ ଲୋକେ ଅଟକ ରଖିଥିବାବେଳେ ଗାଡି ଚାଳକ ଓ ହେଲ୍‌ପର ଫେରାର ଅଛନ୍ତି। ବୈପାରୀଗୁଡା ପୋଲିସ ଘଟଣାର ତଦନ୍ତ କରୁଛି।

### ଜେଲ ଅନ୍ତେବାସୀଙ୍କୁ ଅଗରବତି ତିଆରି ତାଲିମ

ଜୟପୁର, ୪।୨ (ନି.ପ୍ର.) -ଜୟପୁର ଉପଖଣ୍ଡ କାରାଗାରରେ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଅନ୍ତେବାସୀଙ୍କ ଦକ୍ଷତା ବିକାଶ ନିମନ୍ତେ ବୈଷୟିକ ତାମିଲ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଆର୍. ରାୟ କୁମାରୀ, ଡିଆଇସି ପରିଚାଳକ ଆର୍. କେ. ମହାପାତ୍ର, କିରଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତେବାସୀଙ୍କୁ ଗୃହ ଉପକରଣ ନିର୍ମାଣ ଓ ଅଗରବତି ପ୍ରସ୍ତୁତି ଉପରେ ତାଲିମ ଦିଆଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ୪୫ ଦିନ ଧରି ଚାଲିବ। ତାଲିମ ନେବା ପରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ଡିଆଇସି ପରିଚାଳକ ମତ ଦେଇଛନ୍ତି। ଉପଖଣ୍ଡ କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଲଲାଟେନ୍ଦୁ ଭୂଷଣ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

### ସ୍ଥାୟୀ ଲୋକ ଅଦାଲତର ଦ୍ୱାରସ୍ଥ ପରେ ଦାବି ପୂରଣ

ଜୟପୁର ୪।୨ (ନି.ପ୍ର.) -ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ସ୍ଥାୟୀ ଲୋକ ଅଦାଲତରେ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଗୁରୁବାର ଅଦାଲତ ଅଧକ୍ଷ ସରୋଜ କୁମାର ସାହୁ ଆବେଦନକାରୀ ଓ ଆଇନଜୀବୀଙ୍କୁ ଡକାଇ ଆଲୋଚନା କରିଥିଲେ। ଏବେ ଅନେକ ଦାବି ପୂରଣ ହୋଇଥିବା ଆବେଦନକାରୀ ଓ ଆଇନଜୀବୀ ସୂଚନା ଦେଇଛନ୍ତି। ୨୦୧୬ରେ ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଅନେକ ସମସ୍ୟାକୁ ନେଇ କଲେଜ ଛାତ୍ରମାନେ ବହୁ ଦିନ ଧରି ଭୋକ ଉପବାସରେ ରହି ଅନଶନ କରିଥିଲେ। ତଥାପି ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ୨ ଛାତ୍ର ସନ୍ଦିପ ସାମନ୍ତରାୟ ଓ ମାନସ ନାୟକ ଜୟପୁର ଆଇନଜୀବୀ ସନ୍ଦିପ ସାଇ ପାଣିଗ୍ରାହୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସନ୍ଦିପ ସାଇ ସ୍ଥାନୀୟ ଲୋକ ଅଦାଲତରେ ପିଏଲଏ ମାମଲା ୧୫୧/୧୬ ପଞ୍ଜିକୃତ କରି ଦ୍ୱାରସ୍ଥ ହୋଇଥିଲେ। ଛାତ୍ରମାନେ ପୂର୍ବରୁ କରିଥିବା ଦାବି ମଧ୍ୟରୁ କେତେକ ପୂରଣ ହୋଇଛି। ଫୁଟ୍ ଓଭର ବ୍ରିଜ, ସିସି ଟିଭି କ୍ୟାମେରା, କୋଠା ନିର୍ମାଣ, ନୂତନ ପାଠାଗାର, ଜଳଯୋଗାଣ, ସ୍ୱଚ୍ଛ କ୍ୟାଣ୍ଟିନ, ଶୌଚାଳୟ ଏବଂ ସୁରକ୍ଷା ବ୍ୟବସ୍ଥା ନେଇ ଦାବି ହୋଇଥିଲା।

# ଉମରକୋଟ୍‌କୁ ଉପଖଣ୍ଡ କରାଯାଉ

ଉମରକୋଟ୍, ୪।୨(ସ୍ୱ.ପ୍ର.)

କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟରୁ ଗୁରୁବାର ବାଇକ ରାଲିରେ ବାହାରି ସହର ପରିକ୍ରମା କରି ପୌର ପରିଷଦଠାରେ ପହଞ୍ଚିଥିଲେ। ଉମରକୋଟ ପୌରାଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମାଧାନ କରିବାକୁ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ହିମାଚଳ ମାଝିଙ୍କୁ ପ୍ରଦାନ କରାଯାଇଛି। ପୂର୍ବରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବା ସହ ପୌର କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।



ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କଂଗ୍ରେସ କର୍ମୀମାନେ ଦାବିପତ୍ର ଦେଉଛନ୍ତି।

ଉମରକୋଟ ସବ୍‌ଡିଭିଜନ ମାନ୍ୟତାକୁ ଶୀଘ୍ର କାର୍ଯ୍ୟକାରୀ କରିବା, ଉମରକୋଟ ପୌରାଞ୍ଚଳର ସମସ୍ତ ୱାର୍ଡରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥାରେ ସୁଧାର, ସହରାଞ୍ଚଳରେ ବସବାସ କରୁଥିବା ଗରିବ ବସ୍ତିବାସିନ୍ଦାଙ୍କୁ ଆବାସ ଗୃହ ପ୍ରଦାନ, ପୌର କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ ଜଣେ ଅଧିକାରୀ ନିଯୁକ୍ତି, ପୌରାଞ୍ଚଳରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ଅର୍ଥ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସହରାଞ୍ଚଳରେ ବିଭିନ୍ନ ସାହିବସ୍ତି ଅଞ୍ଚଳରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟର ମରାମତି, ପ୍ରତ୍ୟେକ ୱାର୍ଡରେ ପକ୍କାନାଳ ସହ ରାସ୍ତାଗୁଡ଼ିକର ତୁରନ୍ତ ମରାମତି, ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପସଭାପତି ତପନ ଦେବନାଥ, ନଗର ସଭାପତି ମାର୍କଣ୍ଡ ସାହୁ, ଯୁବ କଂଗ୍ରେସ ସଭାପତି ନୀଳମାଧବ ନାୟକ, ମୁନା ପାଢ଼ୀ, ପେଣ୍ଡରା ରାଓ, କୁନା ସାହୁ, ବାବୁଲା ପଟ୍ଟନାୟକ, ଗୋପାଳ ପଟ୍ଟନାୟକ, ଉସ୍‌ମାନ ଲାଠିଆ, ସୁରେନ୍ଦ୍ର ନାୟକ, ଛାତ୍ର ସଭାପତି କୃଷ୍ଣଚନ୍ଦ୍ର ନାୟକ, ସଞ୍ଜୟ ନାୟକ, ଆଦିତ୍ୟ ଦାସ, ଗଜେନ୍ଦ୍ର ନାୟକ, କୃଷ୍ଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁ ଲାଗି ୧୨ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

କୋଡିଙ୍ଗା,୪।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବାମୁଣି ପଞ୍ଚାୟତ ରାମପାଲି ଗ୍ରାମ ନିକଟରେ ଥିବା ଚାଷଜମିରେ ନିଆଁ ଲାଗି ପ୍ରାୟ ୬ ଏକର ଆଖୁ ଫସଲ ସମ୍ପୂର୍ଣ୍ଣ ଜଳିଯାଇଛି। ଏହାଛଡ଼ା ଜମିହିଡ଼ରେ ଲାଗିଥିବା ନଡ଼ିଆ ଓ ଆମ୍ବଗଛ ମଧ ପୋଡ଼ି ପାଉଁଶ ହୋଇଯାଇଛି।

ପ୍ରକାଶ ଯେ, ରାମପାଲି ଗ୍ରାମର ଲୋକନାଥ ଭତରା, ପଣ୍ଡଗୁଡା ଗ୍ରାମର ବଗିସ ମାଳୀ ଓ ମଦନ ମାଳୀ ୬ ଏକର ଜମିରେ ଭାଗଚାଷ ସୂତ୍ରରେ ଆଖୁଚାଷ କରିଥିଲେ। ଉକ୍ତ ଚାଷଜମି ହିଡ଼ରେ ପ୍ରାୟ ୧୨୦ ନଡିଆ ଗଛ ଓ ୧୫୦ ଆମ୍ବଗଛ ଲଗାଇଥିଲେ। ଉକ୍ତ ଜମିସନ୍ଧିକୁ ଲାଗି କେର୍ଲା ଗ୍ରାମର ବିଦ୍ୟା ବିଶୋଇଙ୍କ ଚାଷ ଜମି ରହିଛି। ବିଦ୍ୟା ସେଠାରେ ପାଳଗଦା କରିଥିଲେ। ଉକ୍ତ ତିନିଜଣ ଭାଗଚାଷୀ ମନା କରିବା ସତ୍ତ୍ୱେ ବିଦ୍ୟା ନିଜ ଜମିରେ ନିଆଁ ଲଗେଇ ଦେଇଥିଲେ। ସେଠାରୁ ନିଆଁ ବ୍ୟାପୀ ଆଖୁ ଫସଲ ସହ ନଡିଆ ଓ ଆମ୍ବ ଗଛକୁ ପୋଡି ଦେଇଥିଲା। କୋଷାଗୁମୁଡା ଅଗ୍ନିଶମ ଗାଡି ପହଞ୍ଚିବା ବେଳକୁ ସମ୍ପୂର୍ଣ୍ଣ ଫସଲ ଜଳିଯାଇଥିଲା। ଏ ନେଇ କୋଷାଗୁମୁଡା ଥାନାରେ ଲୋକନାଥ ଭତରା ଏତଲା ଦାଏର କରିଛନ୍ତି। ଆଖୁଚାଷ କରିବା ପାଇଁ ୧୨ ଲକ୍ଷ ଟଙ୍କା ଧାରସୂତ୍ରରେ ଆଣିଛନ୍ତି। ଏଣୁ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେଥିରେ ଉଲ୍ଲେଖ ରହିଛି।

# ସରକାରୀ ଚାକିରି ମାନ୍ୟତା, ବୀମା ପ୍ରଦାନ କରାଯାଉ

ଚନ୍ଦାହାଣ୍ଡି, ୪।୨(ଡି.ଏନ୍.ଏ.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ଚନ୍ଦାହାଣ୍ଡି ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା। ସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ଆସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଶିଶୁବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଶୀଘ୍ର ସେମାନଙ୍କ ଦାବି ପ୍ରତି ଦୃଷ୍ଟିଦେବାକୁ ବିଡିଓଙ୍କୁ ନିବେଦନ କରିଛନ୍ତି।

ଅନ୍ୟ ରାଜ୍ୟଗୁଡ଼ିକରେ ଅଙ୍ଗନୱାଡି କର୍ମୀମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ମିଳୁଛି। ଓଡ଼ିଶା ସରକାର ଅଧିକ କାର୍ଯ୍ୟ କରାଇବା ସହ କମ୍ ପାରିଶ୍ରମିକ ପ୍ରଦାନ କରୁଥିବା କର୍ମୀମାନେ ଅଭିଯୋଗ କରିଛନ୍ତି। ଦାବି ପୂରଣ ପାଇଁ ଦୀର୍ଘ ବର୍ଷ ହେବ ଆନ୍ଦୋଳନ କରୁଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। କେବଳ ପ୍ରତିଶ୍ରୁତି ମିଳୁଛି ବୋଲି ଅଙ୍ଗନୱାଡି କର୍ମୀମାନେ କହିଛନ୍ତି। ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ୧୮ହଜାର ଓ ସହାୟିକାଙ୍କୁ ୯ହଜାର ଟଙ୍କା ଦେବାକୁ ଦାବି ହୋଇଛି। ନୂତନ ଖାଦ୍ୟ ତାଲିକାରେ ମୂଲ୍ୟ ବୃଦ୍ଧି ସହ



ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବିଡିଓଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର**

ବଜାର ଦର ଅନୁସାରେ ଅଣ୍ଡା ଦର ବୃଦ୍ଧି, ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସାମିଲ, ଗ୍ରୀଷ୍ମଛୁଟି ଏକ ମାସ ପ୍ରଦାନ କରିବାକୁ ଦାବି ହୋଇଛି। କର୍ମୀ ଓ ସହାୟିକାଙ୍କ ଅବସର ସମୟରେ ଗ୍ରାଚୁଇଟି ବାବଦକୁ ଦୁଇ ଲକ୍ଷ ଓ ମାସିକ ତିନିହଜାର ଅବସରକାଳୀନ ଭତ୍ତା ପ୍ରଦାନ, ୟୁନିଫର୍ମ ପାଇଁ ସମ୍ବଲପୁରୀ ଶାଢ଼ି ଦେବାକୁ ଦାବି ହୋଇଛି। କାର୍ଯ୍ୟରତ କର୍ମୀଙ୍କ ସାଧାରଣ ମୃତ୍ୟୁ ହେଲେ ତିନି ଲକ୍ଷ ଓ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୬ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ମମତା ଯୋଜନା ସଫଳତା ପାଇଁ କର୍ମୀଙ୍କୁ ୫୦୦ ଓ ସହାୟିକାଙ୍କୁ ୨୦୦ ଟଙ୍କା ପ୍ରୋତ୍ସାହନ, କାର୍ଯ୍ୟରେ ଥିବାବେଳେ ମୃତ୍ୟୁ ହେଲେ ପରିବାରର ଜଣକୁ ଚାକିରି, ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଜାଳେଣି ବାବଦକୁ ରନ୍ଧନଗ୍ୟାସ୍ ପ୍ରଦାନ କରିବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନବେଳେ ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ପରମେଶ୍ୱର ବିଶୋଇ, ବ୍ଲକ ସଭାନେତ୍ରୀ ପୂର୍ଣ୍ଣିମା ମାଝି, ସମ୍ପାଦିକା ସୁଭଦ୍ରା ମାଝି, ଜିଲା ସଭ୍ୟା ଶକୁନ୍ତଳା ପୂଜାରୀ, କୁନି ସୋରି, ବିନୋଦିନୀ ସମରଥଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

## ଗର୍ଭବତୀଙ୍କ ମୃତ୍ୟୁ

ଝରିଗାଁ, ୪।୨(ସ୍ୱ.ପ୍ର.)

ମାତୃ ଏବଂ ଶିଶୁ ମୃତ୍ୟୁହାର ରୋକିବା ନେଇ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ଗ୍ରାମାଞ୍ଚଳରେ ସଚେତନତା ଅଭାବ ଯୋଗୁ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହେଉଛି। ଏଭଳି ଏକ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଦେଖାଦେଇଛି। ଝରିଗାଁ ପଞ୍ଚାୟତ କାଣ୍ଡସର ଗ୍ରାମର ନିରନ୍ ଗୌଡଙ୍କ ସ୍ତ୍ରୀ ଭାନୁ (୧୯)ଙ୍କର ମଙ୍ଗଳବାର ରାତିରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆଶାକର୍ମୀ ଚିକମଣି ଧରୁଆଙ୍କ ସହାୟତାରେ ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଭାନୁଙ୍କ ହିମୋଗ୍ଲୋବିନ୍ ୭.୨% ରହିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ହିମୋଗ୍ଲୋବିନ୍ ବୃଦ୍ଧି ସକାଶେ ଔଷଧ ଦିଆଯାଇଥିଲା। ବୁଧବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା। ଏହାପରେ ଆଶାକର୍ମୀ ଭାନୁଙ୍କୁ ଝରିଗାଁ ସଦର ମହକୁମାସ୍ଥିତ ମା' ଗୃହରେ ରହିବା ପାଇଁ କହିଥିଲେ। କିନ୍ତୁ ଭାନୁଙ୍କ ପରିବାର ଲୋକେ ସେଥିରେ ରାଜି ନ ହୋଇ ଅପରାହ୍ନରେ ତାଙ୍କୁ ଗାଁକୁ ନେଇ ଯାଇଥିଲେ। ଏହାପରେ କୌଣସି କାରଣରୁ ଭାନୁଙ୍କ ମୃତ୍ୟୁ ହୋଇଥିବା ଆଶାକର୍ମୀ ଖବର ପାଇଥିଲେ। ସେ କାଣ୍ଡସର ଗ୍ରାମକୁ ଯାଇ ଦେଖିବା ବେଳକୁ ଭାନୁଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇ ସାରିଥିଲା। ଏ ସମ୍ପର୍କରେ ଆଶାକର୍ମୀ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁଙ୍କ ଅବଦାନ ଅନେକ



କୋରାପୁଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀମାନେ।

କୋରାପୁଟ/ଜୟପୁର , ୪।୨(ସ୍ୱ.ପ୍ର./ନି.ପ୍ର.)

କୋରାପୁଟ କୋର୍ଟ ପରିସରରେ ଗୁରୁବାର ପୂର୍ବାହ୍ନରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୮୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଓକିଲ ସଂଘ ପକ୍ଷରୁ ଏହି ଅବସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଂଘ ସଭାପତି ଅଜିତ ପାତ୍ର, ସମ୍ପାଦକ ମନୋରଞ୍ଜନ ରାଉତରାୟ ଉପସ୍ଥିତ ଥିଲେ। ସେଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସେମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସଂଘ ସଭାପତିଙ୍କ ଅଧକ୍ଷତାରେ ଏକ ସଭା କରାଯାଇଥିଲା। ସଭାରେ ବରିଷ୍ଠ ସଦସ୍ୟ ଜୟନ୍ତ କୁମାର ମିଶ୍ର ମଧୁବାବୁଙ୍କ ଜୀବନୀ ଉପରେ ବିସ୍ତୃତ ଆଲୋଚନା କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସଦସ୍ୟମାନଙ୍କୁ ଆହ୍ୱାନ କରିଥିଲେ। ଆଇନଜୀବୀ ସୁଜାତା ନାୟକ ଓ ଉତ୍ତମ ମିଶ୍ର ପ୍ରମୁଖ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆଇନଜୀବୀ କମଲ କୁମାର ଖୁରା, ନିତ୍ୟାନନ୍ଦ ମହାନ୍ତି, ବିଦ୍ୟାଧର ସାହୁ, ରଶ୍ମିତା ଦାସ, ଏଲିନା ବେହେରାଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

ସେହିଭଳି ଜୟପୁର ରଜାନଅର ଛକଠାରେ ମଧୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ କରି ସ୍ୱତନ୍ତ୍ର ଓଡ଼ିଶା ନିର୍ମାଣ କରିବାରେ ତାଙ୍କ ଅବଦାନ ଚିରସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ଏହି ସମୟରେ ଅତିଥିଭାବେ ବିଷ୍ଣୁ ପ୍ରସାଦ ପାତ୍ର, ଦେବେନ୍ଦ୍ର ବାହିନୀପତି, ଦୁର୍ଗା ଶତପଥୀ, ବାଲା ରାୟ, କୃଷ୍ଣ ନେପାକ, ମୀନକେତନ ଦାସ, ଯାଦବ ସୁବୁଦ୍ଧିଙ୍କ ସହ ଉତ୍କଳ ସମ୍ମିଳନୀ ଓ ଭାଷା ସୁରକ୍ଷା ସମ୍ମିଳନୀର ସଭ୍ୟ ଉପସ୍ଥିତ ଥିଲେ। ପରମେଶ୍ୱର ପାତ୍ର ଧନ୍ୟବାଦ ଦେଇଛନ୍ତି।

# କଂଗ୍ରେସ କରିବ 'ମଣ୍ଡି ଆନ୍ଦୋଳନ'

ନବରଙ୍ଗପୁର, ୪।୨(ବି.ପ୍ର.)

ନବରଙ୍ଗପୁର ଜିଲାରେ ମଣ୍ଡିରେ ଧାନ ଉଠିବାକୁ କେନ୍ଦ୍ରକରି ରାଜନୀତି ଜୋର ଧରିଛି। ନବରଙ୍ଗପୁର ଜିଲାର ବିଭିନ୍ନ ଧାନମଣ୍ଡିରେ ପ୍ରାୟ ୩ଲକ୍ଷ କୁଇଣ୍ଟାଲ ଧାନ ପଡ଼ିରହିଛି। ମଣ୍ଡିରୁ ଧାନ ଉଠିପାରୁ ନାହିଁ। ୩ ଦିନ ମଧ୍ୟରେ ଜିଲାର ଥିବା ସମସ୍ତ ମଣ୍ଡିରୁ ଧାନ ନ ଉଠିଲେ ଆଗାମୀ ଦିନରେ 'ମଣ୍ଡି ଆନ୍ଦୋଳନ' କରାଯିବ ବୋଲି କଂଗ୍ରେସ ଭାବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ମୁନା





ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ତ୍ରିପାଠୀ କହିଛନ୍ତି।

ମଙ୍ଗଳବାର ଆର୍‌ଏମ୍‌ସି କୃଷକ ସୂଚନା ଭବନ ଉଦ୍‌ଘାଟନ ବେଳେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ଏହି ଘଟଣାକୁ କଂଗ୍ରେସ ଦୃଢ଼ ନିନ୍ଦା କରିଛି। ଚାଷୀମାନେ ଧାରଣାରେ ବସିଥିବାବେଳେ ସେମାନଙ୍କ ମଧ୍ୟରେ ଧସେଇ ପଶି ଉଦ୍‌ଘାଟନ କରିବା ପୂର୍ବରୁ ଚାଷୀଙ୍କ ସମସ୍ୟା ସମାଧାନ କରିବାର ଥିଲା ବୋଲି କଂଗ୍ରେସ କହିଛି। ରାଇଘରଠାରେ ଯେଉଁ ମିଶ୍ରଣ ପର୍ବ ହୋଇଥିଲା ସେଥିରେ ଯେଉଁ କଂଗ୍ରେସ ନେତାମାନଙ୍କ ନାମ ଘୋଷଣା କରାଯାଇଥିଲା ସେଥି ମଧ୍ୟରୁ ବହୁ ନେତା ଉପସ୍ଥିତ ନ ଥିଲେ ବୋଲି ଦଳ ଅଭିଯୋଗ କରିଛି। ରାଇଘର ନାକଟିସେମଲା ପଞ୍ଚାୟତର ନାରାୟଣ ନାଗେଶ, ଅସିତ ଗଣ୍ଡ, ରାଜେନ୍ଦ୍ର ଗଣ୍ଡ , ଚମାର ସିଂ ଗଣ୍ଡ କଂଗ୍ରେସର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବକୁ ଯାଇ ନ ଥିବାବେଳେ ଆମ ନାମ ମିଛରେ ଘୋଷଣା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସଦନ ନାୟକ, ସରୋଜ ପାତ୍ର, ଦିଲୀପ ବେହେରା, ଉତ୍ତମ ତ୍ରିପାଠୀ, ସୁମିତ ପୂଜାରୀ, ସୁବାସ ଚନ୍ଦ୍ର ସୁର, ବୃନ୍ଦା ତ୍ରିପାଠୀ, ବାସୁଦେବ ପଟ୍ଟନାୟକ, ଦ୍ୱାରିକା ମହାପାତ୍ର, ରାଇଘର ସଭାପତି ସୁବଳମ ସାନ୍ତା, ସୁନ୍ଦର ସିଂ ଗଣ୍ଡ, ରମେଶ ବିଶ୍ୱାସ ଉପସ୍ଥିତ ଥିଲେ।

## ଆଖୁ ଘଣାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଗୁଡ଼ ନଷ୍ଟ

ନବରଙ୍ଗପୁର, ୪।୨(ବି.ପ୍ର.)

ନବରଙ୍ଗପୁର ବ୍ଲକ ଅଧୀନ ଏସ୍. ମାଲିଗୁଡାରେ ଲାଇବାନ ଅମାନ୍ୟତଙ୍କ ଆଖୁଘଣାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଗୁଡ଼, ୧୪ ହଜାର ଟଙ୍କା ଓ ଆଖୁପେଡା ମଟର ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ଲୋକେ କହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ଆଖୁଘଣା ପାଖରେ ଏକ ୧୧କେଭି ଲାଇନ୍‌ରେ ଶର୍ଟସର୍କିଟ ଯୋଗୁଁ ନିଆ ଝୁଲ ଖସିଥିଲା। ପାଖରେ ଥିବା ଆଖୁ ଚୋପାରେ ପଡି ନିଆଁ ବ୍ୟାପୀ ଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କରଜ କରି ଚାଷ କରିଥିବାରୁ ଏବେ ଋଣ ସୁଝିବା ଚିନ୍ତାରେ ଚାଷୀ। ତାଙ୍କୁ ସହାୟତା ଯୋଗାଇବାକୁ ଦାବି ହୋଇଛି।

# ମଜୁରି ପ୍ରଦାନ ଦାବିରେ ଉପଜିଲାପାଳଙ୍କୁ ଭେଟିଲେ ଶ୍ରମିକ



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶ୍ରମିକମାନେ।

ଜୟପୁର ୪।୨ (ନି.ପ୍ର.)

ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶ୍ରମିକ। ସାମାଜିକ କର୍ମୀ ବି. ହରିରାଓଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ବୋରିଗୁମ୍ମା ବ୍ଲକ ସରଗିଗୁଡା ପଞ୍ଚାୟତ ବଡ଼ ଧୁବୁଲି ଗ୍ରାମରେ ହିତାଧିକାରୀମାନେ ଦେଢ଼ ବର୍ଷ ହେଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିଥିଲେ। କିନ୍ତୁ ବର୍ତ୍ତମାନଯାଏ ସେମାନଙ୍କୁ ପାରିଶ୍ରମିକ ମିଳିନି। ହିତାଧିକାରୀମାନେ ଦେଢ଼ ବର୍ଷ

**ଦେଢ଼ବର୍ଷ ହେବ ମିଳିନି ବକେୟା**

ହେବ ଆବାସ ଗୃହ ନିର୍ମାଣ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିବା କଥା। କିନ୍ତୁ ଜିତୁରୁ ଗଣ୍ଡା, ତ୍ରିପତି ଗାଦବା, ଶ୍ୟାମ ଗଉଡ଼, କୃଷ୍ଣ ଗଉଡ଼, ଡମ୍ବରୁ ଭୂମିଆ ଟଙ୍କା ପାଇନାହାନ୍ତି । ଏନେଇ ବୋରିଗୁମ୍ମା ବ୍ଲକ ପ୍ରଶାସନକୁ ଜଣାଇଲେ ମଧ କିଛି ସୁଫଳ ମିଳୁନି ବୋଲି ହିତାଧିକାରୀମାନେ କହିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ମଜୁରି ପ୍ରଦାନ କରିବାକୁ ଦାବି ହୋଇଛି।

# ୬ରୁ ଆଗ ଧାଡ଼ିର କରୋନା ଯୋଦ୍ଧାଙ୍କୁ କୋଭିଡ୍ ଟିକା

ନବରଙ୍ଗପୁର, ୪।୨(ବି.ପ୍ର. )

ନବରଙ୍ଗପୁର ସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ନୋଡାଲ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଓ ବିକାଶମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ବ୍ଲକସ୍ତରରେ ଆଗ ଧାଡି କରୋନା ଯୋଦ୍ଧାଙ୍କୁ ୬ ଓ ୭ ତାରିଖରେ କରୋନା ଟିକା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗୋଟିଏ କେନ୍ଦ୍ରରେ ଦିନକୁ ୧୫୦ରୁ ୨୦୦ ଲୋକଙ୍କୁ ଟିକା ଦିଆଯିବ। ସେହିପରି ଆଗାମୀ ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି, ପାନୀୟ ଜଳଯୋଗାଣ ସୁବ୍ୟବସ୍ଥା କରିବା ସହ ପ୍ରତ୍ୟେକ ନଳକୂପକୁ ସବୁଜ ରଙ୍ଗ ଦେବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୋଡାଲ ଅଧିକାରୀ ନିଜ ନିଜ ଅଞ୍ଚଳରେ ଥିବା ଧାନମଣ୍ଡିକୁ ଯାଇ ପ୍ରକୃତ ଚାଷୀଙ୍କୁ ଚିହ୍ନଟକରି ଧାନ ବିକ୍ରି କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସତର୍କତା ଅବଲମ୍ବନ କରି ଜିଲାର ସମସ୍ତ ସାପ୍ତାହିକ ହାଟ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ସାମାଜିକ ଦୂରତା, ମାସ୍କ ପିନ୍ଧିବା ଆଦି ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପିଡି ଡିଆର୍‌ଡିଏ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ଏପିଡି ଡିଆର୍‌ଡିଏ ରତ୍ନାକର ସାହୁ, ଜିଲା ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ପାଢ଼ୀ, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗଇପାଇ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ମେହେରୁ ମିଶା ବେଗମ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର, ନୂତନ ଡଙ୍ଗା ପ୍ରଦାନ

କୁନ୍ଦୁରା, ୪।୨ (ଡି.ଏନ୍.ଏ.)

ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଦୁଇଦିନିଆ କୁନ୍ଦୁରା ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ବୁଧବାର ଆସନା ଉଚ୍ଚ ବିଦ୍ୟାଳୟକୁ ଯାଇ ଶିକ୍ଷକ ଏବଂ ଛାତ୍ରଙ୍କ ଉପସ୍ଥାନ ଦେଖିଥିଲେ। ଏହାପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ କୌଣସି କର୍ମଚାରୀ ନ ଥିବା ଦେଖି ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରି ତୁରନ୍ତ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୁନ୍ଦୁରା ବ୍ଲକର ଗୋଷ୍ଠୀ ସମାବେଶ କେନ୍ଦ୍ର, ପକ୍କା ସଡ଼କ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ଶୁଭାରମ୍ଭ କରିଥିଲେ। ରାଣୀଗୁଡ଼ା ଗ୍ରାମପଞ୍ଚାୟତରେ ସାଂସ୍କୃତିକ ଭବନ, ବାଗବେରୀ କଲ୍ୟାଣ ମଣ୍ଡପ, ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ ଅତିରିକ୍ତ ଶ୍ରେଣୀଗୃହ, ରେକ୍ସାକନାଡିରେ ବ୍ରିଜ୍, ଘାଡଙ୍ଗାଗୁଡାରେ ଅଙ୍ଗନୱାଡି କେନ୍ଦ୍ର ଏବଂ ସାଂସ୍କୃତିକ ଭବନ, ଟଭାପଦର, ଆସନରେ କମ୍ୟୁନିଟି ସେଣ୍ଟର, ଉଦଲଗୁଡାଠାରେ ଶିବମନ୍ଦିର କଲ୍ୟାଣମଣ୍ଡପ ନିମନ୍ତେ ଭିତ୍ତିପ୍ରସ୍ତର ଶୁଭାରମ୍ଭ କରିଥିଲେ। ଗୁରୁବାର ଡଙ୍ଗରପାଉଁସୀ ପଞ୍ଚାୟତ ରେଢ଼ାପାଉଁସୀରେ କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର ଶୁଭାରମ୍ଭ କରିଛନ୍ତି। ପଣସଗାଁ କୋଲାବ ନଦୀ ଘାଟରେ ଅଞ୍ଚଳବାସୀଙ୍କ ନିମନ୍ତେ ନୂତନ ଡଙ୍ଗାର ଶୁଭାରମ୍ଭ



ମନ୍ତ୍ରୀ ପଦ୍ମିନୀ ଦିଆନ ରେଢ଼ାପାଉଁସୀରେ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

- ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ଦୁଇ ଦିନିଆ କୁନ୍ଦୁରା ବ୍ଲକ ଗସ୍ତ
- ଭିତ୍ତିପ୍ରସ୍ତର ସ୍ଥାପନ, ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

କରିଛନ୍ତି। କୁନ୍ଦୁରା ସଦର ମହକୁମାଠାରେ କଲ୍ୟାଣ ମଣ୍ଡପ, ନଦୀଘାଟରେ ଡଙ୍ଗା, ଘିଉରିଆଗୁଡାଠାରେ ସାଂସ୍କୃତିକ ଭବନ, ମସିଗାଁଠାରେ କଲ୍ୟାଣ ମଣ୍ଡପ, ଜାର୍ଲିଗୁଡାଠାରେ ବଜାର ଗୃହ, କଲ୍ୟାଣୀପୁଟଠାରେ ସାଂସ୍କୃତିକ ଭବନ, ଦିଗାପୁରଠାରେ କଲ୍ୟାଣ ମଣ୍ଡପ ଏବଂ ଘୁମର ଗାଣ୍ଡିଆଗୁଡାଠାରେ କମ୍ୟୁନିଟି ସେଣ୍ଟରର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ କୁନ୍ଦୁରା ବିଡିଓ ସ୍ନେହପ୍ରଭା ମାଝି, ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ପର୍ଯ୍ୟବେକ୍ଷକ ବୈକୁଣ୍ଠ ମଣ୍ଡଳ, ଜିଲା ପରିଷଦ (କ) ଲକ୍ଷ୍ମୀ ମିନରଜାଲିଆ, ବିଜେଡି ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକ, ଯୁବ ସଭାପତି ରମାକାନ୍ତ ମିଶ୍ର, କନକଲତା ପେଣ୍ଠିଆ, ବିକ୍ରମ ବେହେରା, ଟୁନା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

